## ବାଇକ୍-ଅଟୋ ମୁହାଁମୁହିଁ ଧକ୍କା, ଯୁବତୀ ଗୁରୁତର

ଗୋପାଳପୁର-୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଛକ ଜାତୀୟ ରାଜପଥରେ ସୋମବାର ଏକ ବାଇକ୍ ସହ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। କନିଷ୍ଠି ନିକଟସ୍ଥ ଦାସପୁର ଗ୍ରାମର ପି.ସୋନି ଆଉ ଜଣେ ସମ୍ପର୍କୀୟ ମହିଳା କନିଷ୍ଠି ହାଟରୁ ଅଟୋ (ନଂ ଓଡ଼ି ୦୭ସି ୭୨୭୬) ଯୋଗେ ରଣ୍ଡା ଯାଉଥିବା ସମୟରେ ଅପର ପଟୁ ଏକ ବାଇକ୍ (ନଂ ଓଡି ୦୭ଏମ ୪୪୪୮)କୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ଅଟୋରେ ବସିଥିବା ଦୁଇଜଣଙ୍କ ମଧ୍ୟରୁ ସୋନି ଅଟୋ ତଳେ ଚାପି ହୋଇଥିଲେ। ଦୁର୍ଘଟଣାସ୍ଥଳରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିବା ବିଳମ୍ବ ହେତୁ କନିଷ୍ଠି ଅଗ୍ନିଶମ ବାହିନୀ ଆହତ ଯୁବତୀଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି କରିଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ଅଟୋ ଏବଂ ବାଇକ୍‌କୁ ଜବତ କରିଛି।

**ସଂକ୍ଷେପରେ**

## ପାଣି ସମସ୍ୟାକୁ ନେଇ ବୈଠକ

ପାରଳାଖେମୁଣ୍ଡି,୧୩ା୩(ଡି.ଏନ୍.ଏ.)- ଗଜପତି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁମ୍ମା ବ୍ଲକର ଉଖୁରା ଗ୍ରାମପଞ୍ଚାୟତରେ ଲାଗି ରହିଥିବା ପାଣି ସମସ୍ୟା ଲାଗି ରହିଛି। ଏ ନେଇ ଉଖୁରା ଗ୍ରାମପଞ୍ଚାୟତର ସମ୍ମିଳନୀ କକ୍ଷଠାରେ ସରପଞ୍ଚ ଯିଶି ଗମାଙ୍ଗଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାୟତର ସମିତି ସଭ୍ୟା ଇସିନି ରଇତଙ୍କ ସମେତ ୱାର୍ଡ ମେମ୍ବରମାନେ ଉପସ୍ଥିତ ରହି ପାଣି ସମସ୍ୟାର ସମାଧାନ ପାଇଁ କ'ଣ କ'ଣ ପଦକ୍ଷେପ ନିଆଯିବ ତାକୁ ନେଇ ବିଚାର ହୋଇଥିଲା। ଏହାକୁ ନେଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛ।

## ବିପୁଳ ପରିମାଣର ମଦ ଜବତ

ପାରଳାଖେମୁଣ୍ଡି,୧୩ା୩(ଡି.ଏନ୍.ଏ.): ଗୋଷାଣୀ ବ୍ଲକ ଅନ୍ତର୍ଗତ ଗାରବନ୍ଧ ଓ ଗୁରାଣ୍ଡି ଥାନା ପକ୍ଷରୁ ପୃଥକ୍ ଭାବେ ଚଢ଼ାଉ କରାଯାଇ ରବିବାର ରାତିରେ ବିପୁଳ ପରିମାଣର ଚୋରା ବିଦେଶୀ ମଦ, ବିୟର ବୋତଲ ଆଦି ଜବତ କରାଯାଇଛି। ଗାରବନ୍ଧ ପୋଲିସ ଲାବଣ୍ୟଗଡ଼ ଏବଂ ଗାରବନ୍ଧ ଗ୍ରାମାଞ୍ଚଳର ୨ଟି ସ୍ଥାନରେ ଚୋରା ବିଦେଶୀ ମଦ କାରବାର ହେଉଥିବା ସ୍ଥାନରେ ଚଢ଼ାଉ କରିଥିଲା। ଏଥିରେ ମୋଟ ୧୮୭ଲିଟର ବିଦେଶୀ ମଦ ଜବତ କରାଯାଇଥିବା ବେଳେ ଗୋଟିଏ ବାଇକ ସହ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ଗାରବନ୍ଧ ଥାନାରେ ନଂ. ୧୩, ୧୪ ଓ ୧୫/୨୩ରେ ମାମଲା ରୁଜୁ ହୋଇଛି । ସେହିପରି ଗୁରାଣ୍ଡି ଥାନା ଅଞ୍ଚଳରେ ବ୍ୟାପକ ପରିମାଣର ଚୋରା ବିଦେଶୀ ମଦ ଓ ବିୟର ଚାଲାଣ ହେଉଥିବା ଖବର ପାଇ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ମୋଟ ୧୦୩.୫ ଲିଟର ପରିମାଣର ମଦ କାଚ ଓ ବିୟର କାଚଗୁଡିକୁ ଜବତ କରାଯାଇଥିଲା । ଘଟଣାରେ ସମ୍ପୃକ୍ତ ଏସ୍. ଚିରଞ୍ଜିବିଲୁଙ୍କୁ ଗିରଫ କରାଯାଇଛି। ଏ ନେଇ ଗୁରାଣ୍ଡି ଥାନାରେ ନଂ. ୧୮/୨୩ ଏକ ଅବକାରୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଓଡ଼ିଆ ଶ୍ରମିକଙ୍କ ଝଗଡା ଘଟଣା, ଆଉ ଜଣେ ମୃତ

ପାତ୍ରପୁର,୧୩ା୩(ଡି.ଏନ.ଏ.)- ଶିକନ୍ଦରାବାଦର ପଠାନଚୋର ଜିଲା ନାଗରପଲ୍ଲୀ ଅଞ୍ଚଳର ଏକ ଘରୁ ବିଡ଼ିଏଲ ବାନୁର ଥାନା ପୋଲିସ ଗତ ସପ୍ତାହରେ ଜଣେ ଶ୍ରମିକଙ୍କ ମୃତ ଦେହ ଜବତ କରିବା ସହ ଗୁରୁତର ଥିବା ତିନିଜଣଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତଙ୍କ ମଧ୍ୟରୁ ଅଭି ଦଳେଇର ସୋମବାର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ସପ୍ତାହରେ ଜରଡ଼ା ଥାନା ତୁରୁବୁଡି ପଞ୍ଚାୟତ ଝଗଡାପଲ୍ଲୀ ଗ୍ରାମର ତିନି ଜଣ ଓ ପିମ୍ପଳାପଲ୍ଲୀ ଗ୍ରାମର ଜଣେ ଶ୍ରମିକ ରହୁଥିବା ଘରୁ ସେଠାକାର ପୋଲିସ ବିଶ୍ୱନାଥ ଦଳେଇଙ୍କ ମୃତ ଦେହ ଜବତ କରିଥିଲା। ଏଥିସହ ସେଠାରେ ଅନ୍ୟ ୩ ଜଣ ଶ୍ରମିକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ସେମାନଙ୍କ ପରିବାର ସହ ଯୋଗାଯୋଗ କରିଥିଲା। ପୂର୍ବରୁ ମୃତ୍ୟୁ ହୋଇଥିବା ଶ୍ରମିକଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସେଠାରେ ସତ୍କାର କରାଯାଇଥିଲା।

## ଆମ ପୋଲିସ ସମିତିର ସଚେତନତା

ଜଗନ୍ନାଥପ୍ରସାଦ,୧୩ା୩(ଡି.ଏନ.ଏ.): ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ରାଉତି ଗ୍ରାମ ପଞ୍ଚାୟତ ଅଧିନସ୍ଥ ଚାରିକୋଣୀୟ ଗ୍ରାମରେ ଜଗନ୍ନାଥପ୍ରସାଦ ଆମ ପୋଲିସ ଓ ଗ୍ରାମ୍ୟ କମିଟିର ମିଳିତ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ, ଏସଆଇ ବାବୁଲାଲ ରାଉଳ, ପ୍ରଭାତ କୁମାର ସୁବୁଦ୍ଧି ଓ ସମ୍ମାନିତ ଅତିଥି ଆଞ୍ଚଳିକ କଲେଜ ଓଡ଼ିଆ ଅଧାପକ ଲୋକନାଥ ମହାନ୍ତି, ମୁଖ୍ୟବକ୍ତା ଜ୍ୟୋର୍ତିବିଦ ଅର୍ଣ୍ଣଦା ତ୍ରିପାଠୀ, ଅନ୍ୟାନ୍ୟ ଅତିଥି ଭାବେ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟନାରାୟଣ ପ୍ରଧାନ, ସାମାଜିକ କର୍ମୀ ଚନ୍ଦ୍ରକେତୁ ରାଉତ, ବିଭୁ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ଥିଲେ। ପ୍ରଥମେ ଆଇନଜୀବୀ ଶିଶିରକାନ୍ତ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଦନାର୍ଦ୍ଦନ ପ୍ରଧାନ, ନାରାୟଣ ନାୟକ, ସପନ ପ୍ରଧାନ, ମହେନ୍ଦ୍ର ରଣା, ସଞ୍ଜିତ ପ୍ରଧାନ, ରାଜ କୁମାର ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ଦୀନବନ୍ଧୁ ସାହୁ, ପାଣ୍ଡୁ ଚରଣ ପ୍ରଧାନ, ସ୍ୱେଚ୍ଛାସେବୀ ସରୋଜ କୁମାର ନାୟକ, ସନାତନ ପ୍ରଧାନ, ବିଭୁତି ଭୂଷଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ମଧ୍ୟାହ୍ନଭୋଜନ ନ ଦେଇ ବନ୍ଦକଲେ ବିଦ୍ୟାଳୟ



ଯୁଗାବାଡ଼ି ବିଦ୍ୟାଳୟ।

**ଦାରିଙ୍ଗବାଡ଼ି,୧୩ା୩(ଡି.ଏନ.ଏ.)**

- ଗୋଟିଏ ଓଳି ଖୋଲା, ମାଧାହ୍ନରେ ତାଲା
- ଅବ୍ୟବସ୍ଥା ଘେରରେ ଯୁଗାବାଡ଼ି ବିଦ୍ୟାଳୟ
- ଉଚ୍ଚ ପଦାଧିକାରୀଙ୍କ ପରିଦର୍ଶନ ହେଉ ନ ଥିବା ଅଭିଯୋଗ

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ଅଞ୍ଚଳରେ ରହିଥିବା ପର୍ଡ଼ମାହା ପଞ୍ଚାୟତ ଯୁଗାବାଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୋମବାର ଗୋଟିଏ ଓଳି ଖୋଲା ରହିଥିବା ବେଳେ ମାଧାହ୍ନରେ ଛୁଟି କରିଦିଆଯାଇଛି। ମଧ୍ୟାହ୍ନଭୋଜନ ନ ରାନ୍ଧି ବିଦ୍ୟାଳୟରେ ତାଲା ପକାଇ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବରା ଚାଲିଯାଇଥିବା ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ କହିଛନ୍ତି । ଉକ୍ତ ବିଦ୍ୟାଳୟରେ ମୋଟ ୪ ଜଣ ଶିକ୍ଷକ ରହିଥିବା ବେଳେ ଜଣେ ଦୀର୍ଘ ଦିନ ହେଲା ଅନୁପସ୍ଥିତ ରହିଛନ୍ତି । ଏ ନେଇ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅନୁପସ୍ଥିତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି କରାଯାଇଥିବା ବିଇଓ ରସାନନ୍ଦ କରଙ୍କ ସୂତ୍ରରୁ ଜଣାପଡିଛି। ଅନ୍ୟ ୩ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକ ପ୍ରଫୁଲ୍ଲ ମଣ୍ଡାଇ ବିଭାଗ ପକ୍ଷରୁ ଦାରିଙ୍ଗବାଡ଼ିଠାରେ ତାଲିମ ନେଉଛନ୍ତି ଆଉ ଜଣେ ଶିକ୍ଷକ ଦୁଷ୍ମନ୍ତ ଦଳବେହେରାଙ୍କ ରବିବାର ତାଲିମ ନେବା ଶେଷ ହୋଇଛି। ସୋମବାର ବିଦ୍ୟାଳୟକୁ କେବଳ ପ୍ରଧାନ ଶିକ୍ଷକ ଆସି ମାଧାହ୍ନରେ ବିଦ୍ୟାଳୟରେ ମାଧାହ୍ନ ଭୋଜନ ରୋଷେଇ କରାଯାଇ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ଖାଇବାକୁ ଘରକୁ ପଠାଇଦେବା ସହ ବିଦ୍ୟାଳୟ ଚାବି ପକାଇ ଘରକୁ ଚାଲିଯାଇଥିଲେ। ଯୁଗାବାଡି ଘାଟି ପାହାଡ଼ ତଥା ଦୁର୍ଗମ ଅଞ୍ଚଳରେ ରହିଥିବାରୁ ସେଠାକୁ ଶିକ୍ଷକମାନେ ନିୟମିତ ଯାଉ ନ ଥିବା ବେଳେ ବିଦ୍ୟାଳୟ ସକାଳ ୧୦ରେ ଖୋଲିବା ବଦଳରେ ବହୁ ସମୟରେ ୧୧ଟା ହେଉଥିବା ଓ ଶୀଘ୍ର ସମୟ ପୂର୍ବରୁ ବିଦ୍ୟାଳୟ ବନ୍ଦ କରି ଶିକ୍ଷକମାନେ ଚାଲିଯାଉଥିବା କେତେଜଣ ଗ୍ରାମବାସୀ କହିଛନ୍ତି। ଏ ନେଇ ସିଆର୍‌ସିସି ହରିଶଙ୍କର ପ୍ରଧାନ କହିଛନ୍ତି, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରୋଷେଇ କରୁଥିବା ପାଚିକାମାନେ ସେମାନଙ୍କ ବିଭିନ୍ନ ଦାବିରେ ଆନ୍ଦୋଳନରେ ରହିଥିବାରୁ ମାଧାହ୍ନଭୋଜନ ରୋଷେଇ ହୋଇପାରିନାହିଁ। ତେଣୁ ଛାତ୍ରୀଛାତ୍ର ଖାଇବାକୁ ଘରକୁ ଚାଲି ଯାଇଥିବା କହିଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବରାଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କୁ ପ୍ରବଳ ଭୋକ ହେବାରୁ ସେମାନଙ୍କୁ ତାଙ୍କ ନିଜ ଘରକୁ ପଠାଯାଇଥିଲା, ହେଲେ ଖାଇବାକୁ ଯାଇ ଆଉ କେହି ବିଦ୍ୟାଳୟକୁ ଆସିଲେ ନାହିଁ । ତେଣୁ ସେ ବାଧହୋଇ ଚାବି ପକାଇ ଚାଲିଯାଇଥିବା କହିଛନ୍ତି। ତେବେ ନିୟମିତ ଉକ୍ତ ବିଦ୍ୟାଳୟରେ ଅବ୍ୟବସ୍ଥା ଲାଗିରହିବା ସହ ବିଦ୍ୟାଳୟର ରୋଷେଇଶାଳରେ ଗୋରୁ ବସାବାନ୍ଧିବା ସହ ସେଠି ଗୋବର ପଡି ରୋଷେଇଶାଳ ପରିବେଶ ଦୂଷିତ ହୋଇ ରହିଛି । ଏନେଇ ଆମେ ଦାରିଙ୍ଗୱାଡି ବିଇଓ ରସାନନ୍ଦ କରଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରିବେ ବୋଲି ସେ କହିଛନ୍ତି।

# ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା ରଥର ଶୁଭାରମ୍ଭ

**ଜି.ଉଦୟଗିରି,୧୩ା୩**

ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବିଗତ ଦିନରେ ଏକ ସଚେତନତା ରଥ କନ୍ଧମାଳ ଜିଲା ଖଣ୍ଡୀୟ ବନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡୀୟ ବନ ଅଧିକାରୀ ପ୍ରଶାନ୍ତ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପତାକା ଦେଖାଇ ଉଦ୍‌ଘାଟନ କରିବା ପରେ ସୋମବାର ସଚେତନତା ରଥ ଜି.ଉଦୟଗିରି ବନାଞ୍ଚଳଠାରେ ପହଞ୍ଚିଥିଲା। ଜି.ଉଦୟଗିରି ବନାଞ୍ଚଳ ଅଧିକାରିଣୀ ମୀନାକ୍ଷୀ କୁମୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ରଥରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନ ଯୋଗଦେଇ ପୂଜାର୍ଚ୍ଚନା କରି ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବନପାଳ ରଶ୍ମିତା ବକ୍ସି, ଉସିଳା ପ୍ରଧାନ, ଅନୁପମା ପାଣିଗ୍ରାହୀ, ବନରକ୍ଷୀ ବିଭୁରଞ୍ଜନ ସାମନ୍ତରାୟ, ମନୋଜ ମହାପାତ୍ର, ପାହାଡ଼ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ଓ ପାରା ବନ କର୍ମଚାରୀ ସହଯୋଗ କରିଥିଲେ। ସଚେତନତା ରଥ ଜି.ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପ୍ରଚାର ପରେ ଫିରିଙ୍ଗିଆ ବନାଞ୍ଚଳ ଯିବା କାର୍ଯ୍ୟକ୍ରମ ଥିବା ନେଇ କୁମୁରା ସୂଚନା ଦେଉଛନ୍ତି।



ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

# ଛତ୍ରପୁରରେ ସାରସ୍ୱତ ସମାରୋହ



ସାରସ୍ୱତ ସମାରୋହରେ ଉପସ୍ଥିତ ଅତିଥି।

**ଛତ୍ରପୁର,୧୩ା୩(ଡି.ଏନ୍.ଏ):**

ଗଞ୍ଜାମ ଜିଲା ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିକାଶ ପରିଷଦ, ବ୍ରହ୍ମପୁର ଆନୁକୂଲ୍ୟରେ ଏବଂ ଓଡ଼ିଆ ସାହିତ୍ୟ ସଂସ୍କୃତି ବିକାଶ ପ୍ରତିଷ୍ଠାନ ଓ ଛତ୍ରପୁର ସାହିତ୍ୟ ସଂସଦର ମିଳିତ ସହଯୋଗରେ ଛତ୍ରପୁର ପବ୍ଲିକ ସ୍କୁଲ ସମ୍ମିଳନୀ ଗୃହରେ ଶନିବାର ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିନାଥ ନାୟକଙ୍କ ଜୀବନୀ ଗ୍ରନ୍ଥ ପୁସ୍ତକ ଲୋକାର୍ପିତ ହୋଇଛି। ମୁଖ୍ୟ ଅତିଥି ଭାବେ ପ୍ରାଣୀବିଜ୍ଞାନୀ ତଥା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଭାବନା, କଳ୍ପନା ଓ ସାଧନା ବଳରେ ସାହିତ୍ୟ ଚର୍ଚ୍ଚା ହୋଇଥାଏ ଏବଂ ଆରାଧନା, ଉପାସନା, କାମନା ମାଧ୍ୟମରେ ସାହିତ୍ୟ ଦିଗରେ ଅଗ୍ରସର ହେବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ଭାବେ କଙ୍କୋରଡ଼ା ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ହରିକୃଷ୍ଣ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ନିଜ ଛାତ୍ର ଜୀବନର କବିତାକୁ ଆବୃତ୍ତି କରିଥିଲେ। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଏନ୍.ନାରାୟଣ ରେଡ୍ଡୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା, ଛତ୍ରପୁର ସାହିତ୍ୟ ସଂସଦର ସଭାପତି ବ୍ରଜମୋହନ ଆଚାର୍ଯ୍ୟ ପ୍ରମୁଖ ଅଭିଭାଷଣ ଦେଇଥିଲେ। ଶେଷରେ ଛତ୍ରପୁର ସାହିତ୍ୟ ସଂସଦର ସମ୍ପାଦକ ଦିଲୀପ କୁମାର ପଲେଇ ଧନ୍ୟବାଦ ଜଣାଇଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍କଳ ପତ୍ରିକାର ସହ ସମ୍ପାଦକ କପିଳ ଚନ୍ଦ୍ର ମହାନ୍ତି ସହଯୋଗ କରିଥିଲେ ।

## ରାସ୍ତା ନ ଥିବାରୁ କାନ୍ଧରେ ନେଲେ ମୃତଦେହ

**ଖଜୁରିପଡ଼ା,୧୩ା୩(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ସମାପାଜୁ ଗ୍ରାମର ରୋହିତ କହଁର ଶୁକ୍ରବାର ଏକ ବାଇକ ଦୁର୍ଘଟଣାରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମହାପ୍ରୟାଣ ଗାଡି ଖରାପ ଥିବାରୁ ପରିବାର ଲୋକେ ଏକ ବେସରକାରୀ ଗାଡି ଭଡା କରି ଗାଁକୁ ମୃତଦେହ ନେଇଥିଲେ। ଫୁଲବାଣୀରୁ ବିଲାବାଡି ପଞ୍ଚାୟତ ସମାପାଜୁ ଗ୍ରାମ ୫୦ କିମି ଦୂର ହୋଇଥିବା ବେଳେ ପଞ୍ଚାୟତ ମୁଖ୍ୟାଳୟ ବିଲାବାଡିଠାରୁ ୮ କିମି ଦୂରରେ ରହିଛି। କିନ୍ତୁ ଏଠାରେ କୌଣସି ରାସ୍ତା ନାହିଁ। ବାଟରେ କରଡାବଣି ଓ ଟିକିରାସାହି ନାଳ ରହିଛି, ନାଳ ଉପରେ ପୋଲ ନ ଥିବାରୁ ଗାଡ଼ି ଯାଇ ପାରୁ ନାହିଁ। ଫଳରେ ପରିବାର ଲୋକେ ବୌଦ୍ଧ ଜିଲା ଚାରିଛକ ଦେଇ ପ୍ରାୟ ୯୦ କିମି ରାସ୍ତା ଅତିକ୍ରମ କରି ରୋହିତଙ୍କ ମୃତଦେହ କାନ୍ଧରେ ଗାଁକୁ ନେଇଥିଲେ। ଦୀର୍ଘ ଦିନରୁ ଏଭଳି ସମସ୍ୟା ଗାଁ ଲୋକମାନେ ଭୋଗୁଛନ୍ତି ବିଲାବାଡି ସରପଞ୍ଚ ରବୀନ୍ଦ୍ର ଭୂକ୍ତା କହିଛନ୍ତି।

## କୃଷକ ଉତ୍ପାଦକ କମ୍ପାନୀର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ପୋଲସରା,୧୩ା୩(ଡି.ଏନ.ଏ.)**

ପୋଲସରା ଗାୟତ୍ରୀ ନଗରରେ ଗଞ୍ଜାମ କୃଷକ ଉତ୍ପାଦକ କମ୍ପାନୀର ନୂତନ କାର୍ଯ୍ୟାଳୟକୁ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକାର୍ପିତ କରିଛନ୍ତି। ଗଞ୍ଜାମ କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ଚାଷୀମାନେ ପ୍ରଥମେ ପଞ୍ଜୀକରଣ କରିବେ। ଏହାପରେ ରବି ଓ ଖରିଫ ଫସଲ ଅମଳ ପାଇଁ ସରକାରୀ ରିହାତି ଦରରେ ବିହନ ଓ ସାର ମଧ୍ୟ ଯୋଗାଇ ଦିଆଯିବ। ଉତ୍ପାଦିତ ଖାଦ୍ୟ ସାମଗ୍ରୀର ସହଜ ବଜାରୀକରଣ କରାଯିବ। ପୋଲସରା ବ୍ଲକର ପ୍ରତି ପଞ୍ଚାୟତ ସ୍ତରରେ କୃଷକମାନଙ୍କୁ ଏ ନେଇ ସଚେତନତା ସୃଷ୍ଟି କରାଯାଉଛି। ଏହାଦ୍ୱାରା କୃଷକମାନେ ନିଜର ଆୟ ବୃଦ୍ଧି କରିବା ସହ ସ୍ୱାବଲମ୍ବୀ ହୋଇପାରିବେ। କୃଷକ ମାନଙ୍କୁ ନେଇ ସରକାରଙ୍କ ବିଭିନ୍ନ ଯୋଜନାରେ କୃଷକ ଉତ୍ପାଦକ କମ୍ପାନୀର ଭୂମିକା କ'ଣ ରହିଛି ଏବଂ ସାଧାରଣ କୃଷକ ଏହି କମ୍ପାନୀରୁ କିଭଳି ଲାଭବାନ ହୋଇପାରିବେ, ସେ ବିଷୟରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନଗରପାଳ ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ପ୍ରତିନିଧି ଘନଶ୍ୟାମ ଦାସ, ଗଞ୍ଜାମ କୃଷକ ଉତ୍ପାଦକ କମ୍ପାନୀର ସୂର୍ଯ୍ୟନାରାୟଣ ସାହୁ, କାଳୀଚରଣ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅତିଥି।

## ଅଗ୍ନିବିପନ୍ନଙ୍କୁ ସହାୟତା



କ୍ଷତିଗ୍ରସ୍ତ ପରିବାର ସହ ଆଲୋଚନା କରୁଛନ୍ତି ହର।

**ବେଗୁନିଆପଡ଼ା,୧୩ା୩**

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦମେଖି ପଞ୍ଚାୟତର ଗୁଡ଼ିଆଳିରେ ଶନିବାର ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ୯ ପରିବାରକୁ ସହାୟତା କରିଛନ୍ତି ହରପ୍ରସାଦ ସାହୁ। ଅଗ୍ନିକାଣ୍ଡରେ ୧୫ ବଖରା ଘର ଜଳିଯାଇଥିବା ବେଳେ ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ରବିବାର କୋଦଳା ଏନ୍‌ଏସିର ପୂର୍ବତନ ନଗରପାଳ ହରପ୍ରସାଦ ସାହୁ ଓ ସୁନୀତାପ୍ରଭା ସାହୁ ସ୍ଥାନୀୟ କର୍ମକର୍ତ୍ତାମାନଙ୍କ ସହ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆଲୋଚନା କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ କିଭଳି ଥଇଥାନ କରାଯାଇପାରିବ, କିଭଳି ମୁଣ୍ଡ ଗୁଞ୍ଜି ରହିବେ ସେ ନେଇ ଆଲୋଚନା କରିଥିବା ବେଳେ ସହାୟତା ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି।

# ନାମଫଳକର ପ୍ରଥମ ଧାଡ଼ି ଓଡ଼ିଆରେ ଲେଖିବାକୁ ଦାବି

**କାଶୀନଗର,୧୩ା୩**

ମାର୍ଚ୍ଚ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ମେ' ୨୦୧୬ରେ ଏହି ଭାଷାକୁ ସରକାରୀ ଭାଷା ରୂପେ ଓଡ଼ିଶା ସରକାର ଗ୍ରହଣ କଲେ। ୨୦୧୮ରେ ଏହି ଭାଷାର ବହୁଳ ବ୍ୟବହାର ପାଇଁ ପୁରସ୍କାର ଓ ଏହି ଭାଷା ବ୍ୟବହାର ପ୍ରତି ଅଙ୍ଗୀକାରବଦ୍ଧତାର ଅଭାବ ସକାଶେ ଦଣ୍ଡର ବ୍ୟବସ୍ଥା କରାଗଲା। ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ୍ ୨୦୧୮ ବିଧାନସଭାରେ ଗୃହୀତ ହେବା ପରେ ଓଡ଼ିଶା ଭିତରେ ଥିବା ସବୁ ବ୍ୟବସାୟ ପ୍ରତିଷ୍ଠାନର ନାମଫଳକ ବାଧ୍ୟତାମୂଳକ ଭାବେ ଓଡ଼ିଆରେ ଲେଖାଯିବା ଉପରେ ସରକାର ଗୁରୁତ୍ୱାରୋପ କରିଥିଲେ। କେବଳ ସେତିକି ନୁହେଁ, କୁହାଗଲା ଯେ, ସରକାରୀ କର୍ମଚାରୀମାନେ ଓଡ଼ିଆ ଭାଷାରେ ଦାପ୍ତରିକ କାର୍ଯ୍ୟ କଲେ ଏଣିକି ସେମାନଙ୍କୁ ପୁରସ୍କାର ମିଳିବ। ନ କଲେ ସେମାନଙ୍କ ପ୍ରତି ଦଣ୍ଡବିଧାନ କରାଯିବ। ସବୁ କିନ୍ତୁ କାଗଜକଲମ ଭିତରେ ସୀମିତ ହୋଇ ରହିଗଲା। ପ୍ରାୟ ସମସ୍ତ ସରକାରୀ ଦପ୍ତରରେ ପୂର୍ବ ଭଳି ଏବେ ବି ଇଂଲିଶରେ ଚିଠିପତ୍ର କରାଯାଉଛି। ଓଡ଼ିଆ ବ୍ୟବହୃତ ହେଉଛି ନଗଣ୍ୟ କ୍ଷେତ୍ରରେ। କାଶୀନଗର ବ୍ଲକ ଓ ଏନ୍‌ଏସିର ସଂଖ୍ୟାଧିକ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ନାମଫଳକରେ ଓଡ଼ିଆ ଭାଷାର ଚିହ୍ନବର୍ଣ୍ଣ ନାହିଁ। ଅଣଓଡ଼ିଆ ବା ଇଂଲିଶରେ ସେସବୁ ଲେଖାଯାଇଛି। ନବନିର୍ମିତ ଇନ୍‌ଡୋର ଷ୍ଟାଡିୟମ ନାମ ଫଳକର ପ୍ରଥମ ଧାଡ଼ି ବି ଲେଖାଯାଇଛି ବଡ଼ ବଡ଼ ଇଂଲିଶ ଅକ୍ଷରରେ। ତା' ତଳକୁ ଛୋଟ ଛୋଟ ଅକ୍ଷରରେ ଓଡ଼ିଆ ଲେଖା ରହିଛି। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ରାଜ୍ୟ ସଭାପତି କବି ପ୍ରଶାନ୍ତ ମିଶ୍ର ଏ ପ୍ରସଙ୍ଗରେ କହିଛନ୍ତି, ଓଡ଼ିଆ ଭାଷା ଆଇନ ହୋଇଛି ସତ, କିନ୍ତୁ ତା'ର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇନାହିଁ। ସବୁ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନ ନାମଫଳକର ପ୍ରଥମ ଧାଡ଼ି ଯେପରି ଶୁଦ୍ଧ ଓ ସୁନ୍ଦର ଓଡ଼ିଆରେ ଲେଖାଯିବ ଓ ଦାପ୍ତରିକ ଚିଠିପତ୍ର ଓଡ଼ିଆରେ କରାଯିବ, ସେ ଦିଗରେ ନିଷ୍ଠାପର ଓ ଦୃଢ଼ ପଦକ୍ଷେପ ନେବାପାଇଁ ସେ ପ୍ରଶାସନ ନିକଟରେ ଦାବି ରଖିଛନ୍ତି ।




ଇଂଲିଶରେ ଲେଖା ହୋଇଥିବା ନାମଫଳକ।

# ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**ଫୁଲବାଣୀ ଅଫିସ, ୧୩ା୩**

**ନେଟୱାର୍କ ନାହିଁ**

ଏବେ ୫ ଜି ଯୁଗ ଚାଲିଛି । କିନ୍ତୁ କନ୍ଧମାଳ ଜିଲାରେ ଆଜି ବି ଅନେକ ସ୍ଥାନରେ ନେଟୱାର୍କ ସାତସପନ । ସର୍ବନିମ୍ନ ନେଟୱାର୍କ ଯୋଗାଇ ଦେବା ଦାବିରେ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତବାସୀ ଆଜକୁ ଦୀର୍ଘ ଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ସମସ୍ୟା ସମାଧାନ ପାଇଁ ପ୍ରଶାସନ ଆନ୍ତରିକତା ନ ଦେଖାଇବାରୁ ପଞ୍ଚାୟତବାସୀ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୪୮ ଘଣ୍ଟା ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଦିଆଯିବ ବୋଲି ଚେତବନୀ ଦେଇଛନ୍ତି।

ପଞ୍ଚାୟତ ମୁଖ୍ୟାଳୟରେ ମୋବାଇଲ ନେଟୱାର୍କ ସ୍ଥାପନ କରିବାକୁ ଗ୍ରାମବାସୀ ବହୁ ବର୍ଷ ହେଲା ଦାବି କରି ଆସୁଛୁ। ଗତ ସାଧାରଣ ନିର୍ବାଚନ ସମୟରେ ନେତାମାନେ ଆସି ଭୋଟ ଦେଲେ ଆମେ ତମ ଗାଁରେ ନେଟୱାର୍କ ବସାଇବାକୁ କହିଥିଲେ। ଜିତିଲା ପରେ କିଛି ପଦକ୍ଷେପ ନେଲେ ନାହିଁ। ଗ୍ରାମବାସୀଙ୍କ ଦାବି ଯୋଗୁ ବର୍ତ୍ତମାନର ସରପଞ୍ଚ ବିଭିନ୍ନ ଅଫିସ୍ ଯାଇ ଜଣାଇଥିଲେ ମଧ୍ୟ କେହି ଶୁଣିଲେ ନାହିଁ। ଗତ ନଭେମ୍ବରରେ ଏହାର ପ୍ରତିବାଦରେ ପଞ୍ଚରାୟତ ଅଫିସ୍‌ରେ ତାଲା ପକାଇଥିଲୁ। କିଛି ଦିନ ପରେ ସ୍ଥାନୀୟ ବିଡିଓ ଏବଂ ତହସିଲଦାର ଆସି ଫେବୃୟାରୀ ଶେଷ ସୁଦ୍ଧା ଗାଁରେ ଟାୱାର ବସି ନେଟୱାର୍କ ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଫିଟା ଯାଇଥିଲା। କିନ୍ତୁ ଆଜି ଯାଏ ଏହି ସମସ୍ୟାର ସମାଧାନ ହେଲାନାହିଁ। ଆମେ ବାଧ ହୋଇ ଗତ ୧ ତାରିଖରୁ ପୁଣି ବିକ୍ଷୋଭକୁ ଓହ୍ଲାଇ ପଞ୍ଚାୟତ କାର୍ଯ୍ୟାଳୟ ତାଲା ପକାଇଥିଲୁ। ତଥାପି କେହି ପ୍ରଶାସନିକ ଅଧିକାରୀ ଆସିଲେ ନାହିଁ କି ସମସ୍ୟାର ସମାଧାନ ହେଲାନି। ତେଣୁ ବାଧ ହୋଇ ଆଜି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛୁ ବୋଲି ଡିମିରିଗୁଡା ପଞ୍ଚାୟତବାସୀ କହିଛନ୍ତି। ଦାବି ପୂରଣ ନ ହେଲେ ବୁଧବାରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଦେବୁ ବୋଲି ରଘୁପତି କହଁର, ମାନସ କୁମାର ଦିଗାଲ, ମିଳନ ଦିଗାଲ, ଚିତରଞ୍ଜନ ଦିଗାଲ ପ୍ରମୁଖ ପ୍ରକାଶ କରିଛନ୍ତି।

## ଆନ୍ଦୋଳନ ପାଇଁ ଡ୍ରାଇଭର ମହାସଂଘର ପ୍ରସ୍ତୁତି ବୈଠକ

**ଧରାକୋଟ,୧୩ା୩(ଡି.ଏନ୍.ଏ.)**

ରାଜ୍ୟ ଡ୍ରାଇଭର ମହାସଂଘର ଡାକରା ଅନୁଯାୟୀ ମାର୍ଚ୍ଚ ୧୫ରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ଧରାକୋଟ ବ୍ଲକ ସଂଘ ସାମିଲ ହେବାକୁ ନିଷ୍ପତ୍ତି ଗ୍ରହଣ କରିଛି । ବ୍ଲକ ସଭାପତି ସୁରେଶ କୁମାର ସିଂହ, ସମ୍ପାଦକ ପ୍ରଭାକର ମୁନିଙ୍କ ଡାକରାରେ ଏହି ଅବସରରେ ଆଜି ରଥପଦାଠାରେ ଗୋଟିଏ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଶଗୋଟି ସର୍ବନିମ୍ନ ମୌଳିକ ଦାବି ପୂରଣ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଆସନ୍ତା ବୁଧବାର ବ୍ଲକ ପରିସୀମା ମଧ୍ୟରେ ଥିବା ଧରାକୋଟ ବ୍ରିଜ୍, ମୁକ୍ତେଶ୍ୱର ମନ୍ଦିର ଛକରେ ଧାରଣା ଦିଆଯିବ। ଏହି ସମୟରେ ଆମ୍ବୁଲାନ୍ସ, ପୋଲିସ, ମିଡିଆ ଓ ଅନ୍ୟ ଜରୁରିକାଳୀନ ସେବାକୁ ବାଦ୍ ଦେଲେ ସମସ୍ତ ଯାତାୟାତ ବନ୍ଦ ରହିବାର ପ୍ରସ୍ତାବ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।



ଉପସ୍ଥିତ ଡ୍ରାଇଭର ମହାସଂଘର ସଦସ୍ୟମାନେ।

## ସଂକ୍ଷେପରେ

### ଏମ୍‌କେସିଜିରେ ହେପାଟାଇଟିସ୍ 'ବି ଓ ସି' ଚିକିତ୍ସା ସୁବିଧା

ବ୍ରହ୍ମପୁର ଅଫିସ, ୧୩।୩-ରୋଗୀଙ୍କୁ ଉନ୍ନତମାନର ସେବା ଯୋଗାଇବା ଲକ୍ଷ୍ୟ ନେଇ ବ୍ରହ୍ମପୁର ବଡ ମେଡିକାଲରେ ଏବେ ହେପାଟାଇଟିସ୍ 'ବି' ଏବଂ 'ସି'କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ ପାଇଁ ସୁବିଧା ଉପଲବ୍ଧ କରାଯାଇଛି। ଫଳରେ ଏଥିରେ ପୀଡ଼ିତ ଥିବା ରୋଗୀଙ୍କୁ ତୁରନ୍ତ ଚିକିତ୍ସା କରାଯାଇ ପାରିବ। ଏଥିପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ମଡେଲ୍ ଟ୍ରିଟମେଣ୍ଟ ସେଣ୍ଟର୍ ଭାବେ ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ନ୍ୟାସନାଲ୍ ଭାଇରାଲ୍ ହେପାଟାଇଟିସ୍ କଣ୍ଟ୍ରୋଲ୍ ପ୍ରୋଗ୍ରାମ ଜରିଆରେ ଏହି ଚିକିତ୍ସା ସୁବିଧା ବଡ ମେଡିକାଲରେ ଉପଲବ୍ଧ କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟ୍ୱିଟ୍ ମାଧ୍ୟମରେ ସୋମବାର ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ସନ୍ତୋଷ ମିଶ୍ର କହନ୍ତି, ହେପାଟାଇଟିସ୍ ବି ଏବଂ ସି ପରୀକ୍ଷା ପାଇଁ ବ୍ୟବସ୍ଥା ରହିଛି। ଔଷଧ ଓ ଚିକିତ୍ସା ବ୍ୟବସ୍ଥା ନ ଥିଲା। ରୋଗୀଙ୍କ ପାଇଁ ଔଷଧ ଆସିବା ପରେ ଚିକିତ୍ସା ସୁବିଧା ହେବ।

### ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ, ଜଳିଗଲା ୩ ବଖରା

ଖଜୁରିପଡା, ୧୩।୩:କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ପାବେରୀ ଗ୍ରାମରେ ସୋମବାର ବିଦ୍ୟୁତ୍ ଶର୍ଟ ସର୍କିଟରୁ ୩ ବଖରା ଜଳି ଯାଇଛି। ରତିକାନ୍ତ ବେହେରା ଓ ରମାକାନ୍ତ ବେହେରାଙ୍କର ୩ ବଖରା ସମ୍ପୂର୍ଣ୍ଣ ଜଳି ଯାଇଛି। ଝିଅ ବାହାଘର ପାଇଁ ଥିବା ଲକ୍ଷାଧିକ ଟଙ୍କା ସହିତ ଆସବାବପତ୍ର, ଧାନ ଚାଉଳ, ଲୁଗା ପଟା, କାଗଜ ପତ୍ର ସବୁ ପୋଡି ନଷ୍ଟ ହୋଇଯାଇଥିବା କହିଛନ୍ତି। ରତିକାନ୍ତଙ୍କ କହିବା ଅନୁଯାୟୀ ଆମେ ସମସ୍ତେ ନିଜ ନିଜର କାମରେ ବାହାରକୁ ଯାଇଥିବା ବେଳେ ପୂର୍ବାହ୍ନ ୧୧ ଟାରେ ଶର୍ଟସର୍କିଟ ଯୋଗୁ ଘରେ ନିଆଁ ଲାଗି ଯାଇଥିଲା। ଖଜୁରିପଡ଼ା ଦମକଳ ବାହିନୀ ଆସି ନିଆଁ ଲିଭାଇବା ବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା।

### ଦଣ୍ଡିଶ୍ୱରଙ୍କ ପୀଠରେ ହେବ ବିଶ୍ୱ ଶାନ୍ତି ମହାଯଜ୍ଞ

ବେଗୁନିଆପଡ଼ା, ୧୩।୩-କୋଦଳାର ପୁରାତନ ଶୈବପୀଠ ବାବା ଦଣ୍ଡିଶ୍ୱର ମନ୍ଦିରରେ ଆସନ୍ତା ୨୮ରୁ ଏପ୍ରିଲ୍ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଶୁଭ ଖୁଣ୍ଟି ସ୍ଥାପନ ହୋଇଛି। ଅଞ୍ଚଳର ବରିଷ୍ଠ ନେତା ହରପ୍ରସାଦ ସାହୁ ଶୁଭ ସ୍ତମ୍ଭ ସ୍ଥାପନ ବେଳେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଅଗ୍ନିପଥ, ଅଗ୍ନିବୀରଙ୍କ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସେମିନାର

ବୁଗୁଡ଼ା, ୧୩।୩(ଡି.ଏନ.ଏ.)-ବୁଗୁଡା ପିପୁଲ୍ସ କଲେଜ ଏନ୍‌ସିସି କକ୍ଷରେ ଅଗ୍ନିପଥ ଯୋଜନା ଓ ଅଗ୍ନିବୀରଙ୍କ ଆବେଦନ ପ୍ରକ୍ରିୟା ସମ୍ପର୍କରେ ଏକ ଅନ୍‌ଲାଇନ୍ ସେମିନାର ଏନ୍‌ସିସି ଲୁଟେନାଣ୍ଟ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋପାଳପୁର ଆର୍ମି ଏୟାର ଡିଫେନ୍ସ କେନ୍ଦ୍ରର ମେଜର ପୁଷ୍ପେନ୍ଦ୍ର କୁମାର ଜଗଦେବ ଅଗ୍ନିପଥ ଯୋଜନାର ଆଭିମୁଖ୍ୟ ଏବଂ ଅଗ୍ନିବୀର ପଦବୀ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ଅନ୍‌ଲାଇନ୍‌ରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ମୋଟ ୫୨୦ ଜଣ ଏନସିସି କ୍ୟାଡେଟଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ଯୋଡ଼ି ହୋଇଥିଲେ।

# ଅଧାପନ୍ତରିଆ ଶିଶୁ ପାର୍କ

**ବ୍ରହ୍ମପୁର ଅଫିସ, ୧୩।୩**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ସୌନ୍ଦର୍ଯ୍ୟକରଣ ଓ ସହରବାସୀଙ୍କ ସୁବିଧା ନିମନ୍ତେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଉଛି। କିନ୍ତୁ କେତେକ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି। ଏଥିମଧ୍ୟରୁ ଶିଶୁ ଉଦ୍ୟାନ ପ୍ରକଳ୍ପ ଅନ୍ୟତମ। ଶିଶୁ ଉଦ୍ୟାନ ମୁଖ୍ୟମନ୍ତ୍ରୀଙ୍କ କର୍ମ ତତ୍ପରତା ଯୋଜନା(ମୁକ୍ତା)ରେ କାର୍ଯ୍ୟ ହେଉଛି। ଏଥି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ କାର୍ଯ୍ୟ ଭାର ଦିଆଯାଇଛି। ଏହି ଶିଶୁ ଉଦ୍ୟାନରେ ମୁକ୍ତାକାଶ ଜିମ୍ ମଧ୍ୟ ଉପଲବ୍ଧ ରହିଛି।

ସହରରେ ଥିବା ୫୮ ଉଦ୍ୟାନର ଉନ୍ନତୀକରଣ ପାଇଁ ୫ କୋଟି ୮୩ ଲକ୍ଷ, ୬୫ ମୁକ୍ତାକାଶ ଜିମ୍ ପାଇଁ ୪ କୋଟି ୨୧ ଲକ୍ଷ ଓ ୬୫ ଶିଶୁ ଉଦ୍ୟାନ ପାଇଁ ୨ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ



ପାର୍କ ପରିସରରେ ଖେଳୁଥିବା ଶିଶୁ।

ରହିଛି। କିନ୍ତୁ ଶିଶୁ ଉଦ୍ୟାନଗୁଡିକର କାର୍ଯ୍ୟ ଅଧାପନ୍ତରିଆ କାରଣରୁ ବର୍ତ୍ତମାନ ଏହା ଛୋଟ ପିଲାଙ୍କ ପାଇଁ ବିପଦ ପାଲଟିଛି। ବିଏମ୍‌ସି ୧୯ ନଂ. ୱାର୍ଡ ଅନ୍ତର୍ଗତ ଖଲାସି ସାହି ଛକରେ ଥିବା ଶିଶୁ ଉଦ୍ୟାନ ଏହାର ଉଦାହରଣ। ଏହି ପାର୍କ ନିମନ୍ତେ କାର୍ଯ୍ୟାଦେଶ ମିଳିବାର ୭ ମାସ ପୂର୍ବେ ନିର୍ମାଣ କାର୍ଯ୍ୟ ପାଇଁ ଶୁଭ ଦିଆଯାଇଥିଲା। କିନ୍ତୁ ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ଆଜି ଯାଏ ତାହା ପୂର୍ଣ୍ଣାଙ୍ଗ ହୋଇପାରି ନାହିଁ। ଉଦ୍ୟାନ ଚତୁଃପାର୍ଶ୍ୱରେ ଲୁହା ପାଚେରି ସହ ଏହା ପରିସରରେ ଛୋଟ ପିଲାଙ୍କ ଖେଳିବା ନିମନ୍ତେ ଦୋଳି ସାଙ୍ଗକୁ ଅନ୍ୟାନ୍ୟ ୨ଟି ଖେଳନା ମଧ୍ୟ ରହିଛି। କିନ୍ତୁ ଉଦ୍ୟାନ ଭିତରେ ସିମେଣ୍ଟ ଚଟାଣ କିମ୍ବା ପେଭର ବ୍ଲକ ପଡି ନାହିଁ। କେବଳ ବଡ ବଡ ପଥର ଓ ସିମେଣ୍ଟ ନିର୍ମିତ ବଡ କୁଣ୍ଡ ପଡି ରହିଛି। ଫଳରେ ଏଠାକୁ ଖେଳିବାକୁ ଆସୁଥିବା ଛୋଟ ଶିଶୁମାନେ ଦୁର୍ଘଟଣାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ଏ ନେଇ ବିଏମ୍‌ସି କନିଷ୍ଠ ଯନ୍ତ୍ରୀ ଶ୍ରୁତିକା ପାତ୍ରଙ୍କୁ ପଚାରିବାରୁ ପାର୍କର ସୌନ୍ଦର୍ଯ୍ୟକରଣ ନେଇ ନୂତନ ଯୋଜନା କରାଯାଉଛି। ୨ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି।

## ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ, ପ୍ରତିଆକ୍ରମଣ
# ୧୯ ଜଣଙ୍କ ନାମରେ ମାମଲା

**ଗୋପାଳପୁର, ୧୩।୩ (ଡ଼ିଏନଏ)**

ଗୋଲନ୍ଥରା ଥାନା ଅନ୍ତର୍ଗତ ଲିମକୁଡ଼ିଆ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଖଣ୍ଡା ଓ ଠେଙ୍ଗା ମାଡ଼ରେ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟଣାରେ ୪ ଆହାତ ହୋଇଛନ୍ତି। ଏ ନେଇ ଗୋଲନ୍ଥରା ଥାନାରେ ଦୁଇଟି ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ଏଥିସହ ୧୯ଜଣଙ୍କ ନାମରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏହି ଥାନା ଲିମକୁଡ଼ିଆ ଗ୍ରାମର ପି.ଅର୍ଜୁନଙ୍କ ଦୁଇ ପୁଅଙ୍କ ଗତ ୧୧ ତାରିଖ ବାହାଘର ମଧ୍ୟ ରାତ୍ରିରେ ଚାଲିଥିଲା। ଏହି ସମୟରେ ପୋଲିସ ପାଟ୍ରୋଲିଂ କରି ଚାଲିଯାଇଥିଲା। ତା ପରଦିନ ସକାଳେ ବଇରୀବାଡ଼ ଗ୍ରାମର ପି.ହାରମ୍ଭ ଅର୍ଜୁନ ଘରକୁ ଆସି ଗତକାଲି କାହିଁକି ପୋଲିସ ଆସିଥିଲେ ବୋଲି ପଚାରିଥିଲେ। ଅର୍ଜୁନ ଏଥିରେ କିଛି ଜାଣିନାହିଁ ବୋଲି କହିବା ସହ ଗ୍ରାମର ପି.ଲୋକେୟାଙ୍କୁ ଏ ସମ୍ପର୍କରେ ପଚାରିବା ପାଇଁ କହିଥିଲେ। ପରେ ସମସ୍ତେ ମିଶି ଲୋକେୟାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ରହିଥିବା ୧୨ଜଣମିଶି ତାଙ୍କ ୪ ପୁଅଙ୍କୁ ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଅର୍ଜୁନଙ୍କ ଅଭିଯୋଗ କ୍ରମେ ଗୋଲନ୍ଥରା ଥାନାରେ ନଂ.୧୪୯/୨୩ ରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଅପରଗୋଷ୍ଠୀର ୭ ଜଣ ସମ୍ପର୍କୀୟ ମାନେ ରବିବାର ସକାଳ ୭ଟାରେ ପି.ଲୋକେୟାଙ୍କ ଘରେ ପଶି ମିଳିମିଶି ତାଙ୍କୁ ସଂଘବଦ୍ଧ ହୋଇ ଆକ୍ରମଣ କରିଥିବା ନେଇ ଗୋଲନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏନେଇ ନଂ. ୧୫୦/୨୩ରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି

**ଖଲ୍ଲିକୋଟ, ୧୩।୩(ଡି.ଏନ.ଏ.)**

ଖଲ୍ଲିକୋଟ ସହର ନିକଟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ପରିସରରେ ଗଞ୍ଜାମ ଜିଲାପାଳ ଦିବ୍ୟଜୋତି ପରିଡା ଓ ଗଞ୍ଜାମ ଏସ୍‌ପି ଜଗମୋହନ ମିନା ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଠାରେ ୨୬୩ ଟି ଅଭିଯୋଗ ଫଇସଲା ହୋଇଥିଲା। ସେଥିମଧ୍ୟରୁ ବ୍ଲକ ସମ୍ବନ୍ଧୀୟ ୨୧୨ ଟିୟ ଅଭିଯୋଗ ଶୁଣାଣୀ ମଞ୍ଚରେ ଗଞ୍ଜାମ ସିଡିଓ ଭି.କୀର୍ତ୍ତି ଭାସନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ଆସିଷ୍ଟାଣ୍ଟ କଲେକ୍ଟର ପ୍ରଣତି ନାୟକ, ସବକଲେକ୍ଟର ପ୍ରସନ୍ନ ପାତ୍ର, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆବାସ ଯୋଜନା, ବାର୍ଦ୍ଧକ୍ୟ, ବିଧବା ଭତ୍ତା, ରାସ୍ତା କାମ, ସ୍ୱାସ୍ଥ୍ୟ ସମାସ୍ୟା, ପାନୀୟ ଜଳ ଆଦି ବିଷୟ ଉପରେ ଅଭିଯୋଗ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷା ଭାରତୀ ମହାରଣା, ସାମାଜିକ କର୍ମୀ କାଳୁରାମ ମହାରଣା, ବାକୁଟଗାଁ ସରପଞ୍ଚ ଗଣେଶ ସାହୁ, ଲଙ୍ଗଳେଶ୍ୱର ସରପଞ୍ଚ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଲଙ୍ଗଳେଶ୍ୱରଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଲଙ୍ଗଳେଶ୍ୱର ଠାରୁ ଗୁଣ୍ଡୁରିପଲ୍ଲୀ ରାସ୍ତାକୁ ଆରଡି ରୁ ପିଡବ୍ଲୁ ଡିକୁ ହସ୍ତାନ୍ତର କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଆଲପୁର ପଞ୍ଚାୟତ ଗୃହ ନିର୍ମାଣ, ବିଏନ୍‌ପୁର ଗ୍ରାମ ପଞ୍ଚାୟତରେ ମୃତ୍ତିକା ଓ ଜଳ ବିଭୀଷିକା ବିଭାଗର ବିଭିନ୍ନ କାର୍ଯ୍ୟ ଦୁର୍ନୀତ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଖଲ୍ଲିକୋଟ ବିଡିଓ ବିକ୍ରମ କୁମାର ଦୋରା, ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ ଏହାର ଏବଂ ବ୍ଲକ କର୍ମଚାରୀ ଏହାର ପରିଚାଳନା କରୁଥିବା ବେଳେ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ ୯ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଏ ସାଇକଲ ପ୍ରଦାନ କରାଯାଇଥିଲା। ବହୁ ଅଭିଯୋଗ କାରୀ ନାମ ପଞ୍ଜିକୃତ କରି ନପାରି ଥିବାରୁ ଫେରି ଯାଇଥିଲେ।



ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ବଣ୍ଟନ।

## ରାଜ୍ୟସ୍ତରୀୟ ଭଲିବଲ, ଗୁମ୍ମା ସିକ୍ସ ଚାମ୍ପିୟନ

**ବାଲିଗୁଡ଼ା(ଡି.ଏନ୍.ଏ.)/ଫୁଲବାଣୀ ଅଫିସ, ୧୩।୩**

ବାଲିଗୁଡା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୁମା ସିକ୍ସ ବିପକ୍ଷ ବାରଖମାକୁ ୩-୧ ସେଟରେ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ବ୍ଲକ ବିଜେଡି ସଭାପତି ଟୁନା ଦାସ, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଅବନୀ କାନ୍ତ ନାୟକ, ଲୋକନାଥ ପାଢ଼ୀ, ସୁଜିତ ପାଳ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ବାଲିଗୁଡା ଉପଖଣ୍ଡ କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ୫ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ଯାଏ ଚାଲିଥିଲା। ଏଥିରେ କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାରୁ ୧୨ ଦଳ ଭାଗ ନେଇଥିଲେ।

## ମାନବ ଅଧିକାର ସୁରକ୍ଷା ମଞ୍ଚର ଏମ୍‌କେସିଜି ଅଧୀକ୍ଷକଙ୍କୁ ଦାବିପତ୍ର




ମଞ୍ଚ ପକ୍ଷରୁ ଏମ୍‌କେସିଜି ସମ୍ମୁଖରେ ଆନ୍ଦୋଳନ।

**ବ୍ରହ୍ମପୁର ଅଫିସ, ୧୩।୩**

ବ୍ରହ୍ମପୁର ବଡ ଡାକ୍ତରଖାନା (ଏମ୍‌କେସିଜି) ରେ ଅକାଳ ମୃତ୍ୟୁ ହାରକୁ ରୋକିବା ପାଇଁ ପ୍ରତି ବିଭାଗରେ ବରିଷ୍ଠ ଡାକ୍ତର ନିଯୁକ୍ତି, ଖାଲି ପଡିଥିବା ସମସ୍ତ ଡାକ୍ତର ପଦବୀ ପୂରଣ, ବର୍ଣ୍ଣ କେୟାର ୟୁନିଟ ସମେତ ୧୫ ଦଫା ଦାବି ନେଇ ସୋମବାର ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ମେଡିକାଲ ବଞ୍ଚାଅ ଆନ୍ଦୋଳନ କରାଯାଇଛି। ଏହି ମର୍ମରେ ମଞ୍ଚ ପକ୍ଷରୁ ମେଡିକାଲ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏଥିସହ ମଞ୍ଚ ପକ୍ଷରୁ ବଡ ଡାକ୍ତରଖାନା ଅଧିକ୍ଷକ ଡା ସନ୍ତୋଷ କୁମାର ମିଶ୍ରଙ୍କୁ ଦାବି ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ମଞ୍ଚ ଆବାହକ ଅବନୀ ଗୟା, ସମାଜିକକର୍ମୀ ମନୋଜ ତରାଇ ଓ ହୃଷୀକେଶ ପାତ୍ରଙ୍କ ସମେତ ବଂଶୀଧର ଭୂୟାଁ, ମାଗୁଣି ନାହାକ, ବିଜୟ ଚନ୍ଦ୍ର ବିଶୋୟୀ, ଏସ୍. ସାମ୍ବଶିବା ରାଓ ଓ ବିଭିନ୍ନ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ପାରଳାଖେମୁଣ୍ଡି, ୧୩।୩(ଡି.ଏନ୍.ଏ.)**

ଗଜପତି ଜିଲା ଗୁମ୍ମା ବ୍ଲକ ରେଗିଡି ପଞ୍ଚାୟତଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଗଜପତି ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଆରକ୍ଷୀ ଅଧିକ୍ଷକ ସାତୀ ଏସ. କୁମାର, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ. ଆନନ୍ଦ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରୋମାଞ୍ଚଳ ଖମାରୀ, ଏସ୍ ଅଧ୍ୟକ୍ଷ ମରିୟମ ରଇତ, ଗୁମ୍ମା ବ୍ଲକ ବି ଅନୁପ ଅଭିଶେଖ ବେହେରା, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଜିଲା ପରିଷଦ ସଭ୍ୟା ରେଣୁକା ପାତ୍ର, ପାରଳାଖେମୁଣ୍ଡି ଏସଡ଼ିପିଓ ରାମକୃଷ୍ଣ ପତି ପ୍ରମୁଖ ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଗୁମ୍ମା ବ୍ଲକର ରେଗିଡି, ବି.କଳାକୋଟ, ଦୁମ୍ବାଡା, ତରଭା ଓ ଗୁମ୍ମା ପଞ୍ଚାୟତର ୧୪୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ସମସ୍ତ ଅଭିଯୋଗ ଗୋଷ୍ଠୀ ଗତ ହୋଇଥିବାବେଳେ ୪୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଜଳ ସେଚନ, ଗୃହ ନିର୍ମାଣ, ରାସନ କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଶିକ୍ଷା, ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ମିଳିତ ଜନ ଅଭିଯୋଗ ଶୁଣାଣିରେ ଆବେଦନର ତୁରନ୍ତ ଫଇସଲା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ଏବଂ ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହି ପରିପ୍ରେକ୍ଷୀରେ ୧୦୧ ଜଣ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା।

# ୧୭ରୁ ରେଳ ଷ୍ଟେଶନ ସମ୍ମୁଖରେ ସଂସ୍କାରବାଦୀ ସଂଗଠନର ଗଣଧାରଣା

**ବ୍ରହ୍ମପୁର ଅଫିସ, ୧୩।୩**

ବ୍ରହ୍ମପୁର ରେଳ ଷ୍ଟେଶନରେ ଥିବା ବିଭିନ୍ନ ଦାବିକୁ ନେଇ ସଂସ୍କାରବାଦୀ ସଂଗଠନ ପକ୍ଷରୁ ଆସନ୍ତା ୧୭ ତାରିଖଠାରୁ ରେଳ ଷ୍ଟେଶନ ସମ୍ମୁଖରେ ୧ ସପ୍ତାହ ଧରି ଗଣଧାରଣା ଦିଆଯିବ। ଏ ନେଇ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ। ସଦସ୍ୟ ପ୍ରଭାତ କୁମାର ମିଶ୍ର ଦାବିଗୁଡିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦାବି ଗୁଡିକ ମଧ୍ୟରେ ମୁମ୍ବାଇ-ବିଶାଖାପାଟଣା ଟ୍ରେନ ଭୁବନେଶ୍ୱର ସମ୍ପ୍ରସାରଣ ଓ ବ୍ରହ୍ମପୁର ରେଳ ଷ୍ଟେଶନରେ ହାୱାଡା-ପୁଡୁଚେରୀ ସୁପରଫାଷ୍ଟ ଟ୍ରେନ ରହଣି ପାଇଁ ସଂଘ ଦାବି କରିଛି। ଏ ବାବଦରେ ସଂଘ ପକ୍ଷରୁ ପୂର୍ବରୁ ବ୍ରହ୍ମପୁର ଷ୍ଟେଶନ ମ୍ୟାନେଜରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଦାବି ପୂରଣ ନ ହେବାରୁ ଷ୍ଟେଶନ ସମ୍ମୁଖରେ ଗଣଧାରଣା ଦିଆଯିବା ନେଇ ନିଷ୍ପତ୍ତି ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ବୈଠକରେ ପ୍ରମୋଦ କୁମାର ପଟ୍ଟନାୟକ, ମୋହନ ଚରଣ ସ୍ୱାଇଁ, ଲିଙ୍ଗରାଜ ମହାପାତ୍ର, ଲଳିତ ମୋହନ ସାହୁ, ହିମାଂଶୁ ଶେଖର ପଟ୍ଟନାୟକ, ସତ୍ୟବାଦୀ ଗୌଡ ଓ ବିନୋଦ କୁମାର ଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଂଘ ସଦସ୍ୟ ବୃନ୍ଦ।

# କାଉନସିଲର ବୁଲିଲେ ହିଞ୍ଜିଳିକାଟୁ ଡାକ୍ତରଖାନା

**ହିଞ୍ଜିଳିକାଟୁ, ୧୩।୩(ଡି.ଏନ.ଏ)**

ହିଞ୍ଜିଳିକାଟୁ ପୌର ପରିଷଦର ଜଣେ ଭାଜପା କାଉନସିଲର, ୨ ଜଣ ସ୍ୱାଧୀନ କାଉନସିଲରଙ୍କ ସହ ଜଣେ କଂଗ୍ରେସ ଓ ୨ ଜଣ ସ୍ୱାଧୀନ କାଉନସିଲରଙ୍କ ସ୍ୱାମୀ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ସୋମବାର ପହଞ୍ଚି ଥିଲେ। ସେଠାରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଖୋଳତାଡ଼ କରିବା ସହ ଡାକ୍ତରଖାନାରେ ଅବ୍ୟବସ୍ଥା ନେଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଡାକ୍ତରଖାନାରେ ପାନୀୟ ଜଳ ସମସ୍ୟା, ଏକ୍ସରେ ମେସିନ ଅଚଳ ଥିବା ଏହି ଟିମ କହିଛନ୍ତି। କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଡାକ୍ତରଖାନା ଆସୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟୁତ୍ ବିଲ ଭୟରେ ପର୍ଯ୍ୟାପ୍ତ ଆଲୋକୀକରଣ ହେଉନଥିବା କହିଛନ୍ତି। ଦୈନିକ କର୍ମଚାରୀ ଓ ଡାକ୍ତରଙ୍କ ଉପସ୍ଥାପନ ତାଲିକାରେ ତ୍ରୁଟି, ଶୌଚାଳୟ ସ୍ୱଚ୍ଛତା ନଥିବା ଆଦି ଅଭିଯୋଗ କରିଛନ୍ତି। ରୋଗୀଙ୍କ ତୁଳନାରେ ଡାକ୍ତର କମ ଥିବା ଓ ଲୋକ ହନ୍ତସନ୍ତ ହେଉଥିବା କାଉନସିଲର ଟିମ ଅଭିଯୋଗ କରିଛନ୍ତି।

ଏହି ଟିମରେ ଭାଜପା କାଉନସିଲର ଯୁଧିଷ୍ଠିର ଦାଶ, ସ୍ୱାଧୀନ କାଉନସିଲର



କାଉନସିଲର ଓ ଅନ୍ୟମାନେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଅମୂଲ୍ୟ ସାହୁ, ଭିକା ବେହେରା ଉପସ୍ଥିତ ଥିଲେ। ସେହିପରି ଜଣେ କଂଗ୍ରେସ କାଉନସିଲରଙ୍କ ସ୍ୱାମୀ ଓ ୨ ଜଣ ସ୍ୱାଧୀନ କାଉନସିଲରଙ୍କ ସ୍ୱାମୀ ୬ ଜଣିଆ ଟିମରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏ ନେଇ ମୁଖ୍ୟ ଚିକିତ୍ସାଧିକାରିଣୀ ଡାପ୍ରତିଭା ପାତ୍ର କହିଛନ୍ତି ଯେ, ଏକ୍ସରେ ମେଶିନ ଗତ ରାତିରୁ ଯାନ୍ତ୍ରିକ ତ୍ରୁଟି ହୋଇଛି ତାହାକୁ ସଜଡାଯିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ

### ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ

ଅବଗତ କରାଯାଇଛି। ଅନ୍ୟ କିଛି ସମସ୍ୟା ସୃଷ୍ଟି ହେଲେ ତାହା ସଙ୍ଗେ ସଙ୍ଗେ ସମାଧାନ କରାଯାଉଛି। ଅନ୍ୟପକ୍ଷରେ ଡାକ୍ତରଖାନାର ଆକାଉଣ୍ଟାଣ୍ଟଙ୍କ ଉପରେ ଏହି କାଉନସିଲର ମାନେ ବାରମ୍ବାର ବିଭିନ୍ନ ବ୍ୟକ୍ତିଗତ ପ୍ରଶ୍ନ କରିଥିଲେ। ପୂର୍ବରୁ ଜଣେ କାଉନସିଲର ଆଉଟସୋର୍ସିଂ ସୁପରଭାଇଜର ଥିଲେ ବର୍ତ୍ତମାନ ସେ ଆଉ କାର୍ଯ୍ୟ କରୁନାହାନ୍ତି ବୋଲି ପାତ୍ର କହିଛନ୍ତି। ସୋମବାର ହିଞ୍ଜିଳିକାଟୁ ପୌର ପରିଷଦର ବିଜେଡି ବିରୋଧୀ କାଉନସିଲର ଟିମଙ୍କ ହସ୍ପିଟାଲ ଗସ୍ତ ନେଇ ବିଭିନ୍ନ ଚର୍ଚ୍ଚା ହେଉଛି।

## ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ବୈଠକ

**ବ୍ରହ୍ମପୁର ଅଫିସ, ୧୩।୩**

ବ୍ରହ୍ମପୁର ଗଜପତି ନଗରରେ ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ରେଶମନଗରରେ ରହୁଥିବା ଖଲ୍ଲିକୋଟ ବାସିନ୍ଦାଙ୍କ ପକ୍ଷରୁ ଗଠନ କରାଯାଇଥିବା ପରିଷଦକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାପତି ରବୀନ୍ଦ୍ର ନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଜୟ କୁମାର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୈଠକରେ ଛତ୍ରପୁର ବିଧାୟକ ଅଶୋକ ଚୌଧୁରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ପୂର୍ବତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା, ସାହିତ୍ୟିକ ଦେବୀ ପ୍ରସାଦ ମହାପାତ୍ର, ହାଡ଼ିବନ୍ଧୁ ମାଳି, ଡ଼. ପ୍ରକାଶ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ।

ପରିଷଦର ପୂର୍ବତନ ସଭାପତି ଇଂ. ବାଞ୍ଛାନିଧି ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ସୁବାସ ଚନ୍ଦ୍ର ସୁବୁଦ୍ଧି, ସୁରେଶ ମହାପାତ୍ର, କିଶୋର ଚନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରିଷଦର ବାର୍ଷିକ ଉତ୍ସବ ପାଳନ ନେଇ ଆଲୋଚନା କରାଯାଇଥିଲା। ଗୋପାଳକୃଷ୍ଣ ଡ଼ାକୁଆ ଧନ୍ୟବାଦ ଦେଇଥିଲେ।

## ଆଜିଠାରୁ ମା ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା



ମା' ତାରାତାରିଣୀ।

**ପୁରୁଷୋତ୍ତମପୁର, ୧୩।୩(ଡି.ଏନ.ଏ.)**

ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ମଙ୍ଗଳାରଠାରୁ ଆରମ୍ଭ ହେବ। ଚୈତ୍ର ମାସରେ ପଡୁଥିବା ଚାରୋଟି ମଙ୍ଗଳବାରରେ ମା'ଙ୍କ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବ। ଏହି ମଙ୍ଗଳବାର ମା'ଙ୍କ ପୀଠରେ ମୁଣ୍ଡନ କରିବା ସହ ଦର୍ଶନ କରିବା ନିମନ୍ତେ ହଜାର ହଜାର ଭକ୍ତଙ୍କ ଭିଡ ଲାଗିବ। ସୋମବାର ସନ୍ଧ୍ୟାରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଏସପି ଜଗମୋହନ ମିନା, ସିଡି ଭି କିର୍ତ୍ତିଭାସନ, ଛତ୍ରପୁର ଉପ ଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଡିଆଇପିଆରଓ ରବିନାରାୟଣ ବେହେରା, ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ପ୍ରିୟୁସ ରଞ୍ଜନ ଛୋଟରାୟ, ବିଡିଓ ବିଜୟ କୁମାର ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ ପ୍ରମୁଖ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ତଦାରଖ କରିଛନ୍ତି। ଏହାସହିତ ମାନସିକଧାରୀମାନେ କିପରି ଶୃଙ୍ଖଳିତ ଭାବେ ମୁଣ୍ଡନ କରିବେ ସେ ନେଇ ତିନି ଗୋଟି ମୁଣ୍ଡନ ଶାଳା ନିର୍ମାଣ କରାଯାଇଛି। ଏଥିରେ ୫୫୦ ଜଣ ବାରିକଙ୍କୁ ନିୟୋଜିତ କରାଯାଇଛି। ସେହିପରି ପାହାଡ ଉପର ମନ୍ଦିରକୁ ଯିବା ଆସିବା ନିମନ୍ତେ ରୋପୱେ, ପାହାଚ ଓ ବସ୍ ମଧ୍ୟ ବ୍ୟବସ୍ଥା କରାଯାଇଛି।

